# ବାବା ସାହେବ ଡଃ. ବି .ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ।

ଅନୁଗୋଳ,ତା.୧୪.୦୪:- ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୨୮ ତମ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ବଅଁରପାଳ ସେବାଶ୍ରମ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ବାବା ସାହେବ ଆମ୍ବେଦକରଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଉପଯୁକ୍ତ ଜ୍ଞାନ ଆହରଣ କରିବା ସହ ଭଲ ପାଠ ପଢି ଓ ନିଜର ଅଧ୍ୟବସାୟ ବଳରେ ନିଷ୍ଠାର ସହିତ କର୍ତ୍ତବ୍ୟ କରିବାକୁ ଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଆମ୍ବେଦକରଙ୍କ ଅବଦାନ ଆମ ସମସ୍ତଙ୍କ ପାଇଁ ଚିର ନମସ୍ୟ, ଏଣୁ ଆମେ ସମସ୍ତେ ଭଲ ପାଠ ପଢି ଅନ୍ୟର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ନିମନ୍ତେ ସେ ମତବ୍ୟକ୍ତ କରିଥିଲେ । ଆମ୍ବେଦକର ଥିଲେ ପ୍ରକୃତରେ ଭାରତର ରତ୍ନ । ଭାରତୀୟ ସମାଜର ସଂସ୍କାରମୂଳକ କାର୍ଯ୍ୟ ପାଇଁ ଓ ବିଶେଷକରି ସମ୍ବିଧାନ ତିଆରି କରିବାରେ ତାଂକର ଅବଦାନ ଅତୁଳନୀୟ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆମ୍ବେଦକରଂକର ଦୂର ଦୃଷ୍ଟି ଓ ମହାନ ଚିନ୍ତାଧାରା ଯୋଗୁଁ ଆଜି ଆମେ ଆମର ନ୍ୟାଯ୍ୟ ଅଧିକାର ପାଇ ସମ୍ମାନର ସହ ବଂଚିଛୁ । ସେ ଥିଲେ ସମାନତା ଓ ମୌଳିକ ଅଧିକାରର ମୁଖ୍ୟ ପ୍ରବକ୍ତା । ତାଂକର ଜନ୍ମ ଜୟନ୍ତୀ ପାଳନ କରିବା ସହ ପାଠ ପଢା ସମୟରେ ନିୟମିତ ତାଂକ ଜିବନୀ ସମ୍ପର୍କରେ ପିଲାମାନଂକୁ ଶିକ୍ଷା ଦେବାକୁ ସେ ପ୍ରଧାନ ଶିକ୍ଷୟିତ୍ରୀଂକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାତ୍ର ଆମ୍ବେଦକରଂକ ଆତ୍ମଜୀବନି ସମ୍ପର୍କରେ ଆଲୋକପାତ କରିବା ସହ ତାଂକର ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀମାନଂକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେବାଶ୍ରମର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ ।




ଡ଼ଃ ବାବା ସାହେବ ବି.ଆର. ଆମ୍ବେଦକର
ଜୟନ୍ତୀ ସମାରୋହ


ଡ଼ଃ ବାବା ସାହେବ ବି.ଆର. ଆମ୍ବେଦକର
ଜୟନ୍ତୀ ସମାରୋହ